**REGIONAL NEWS UNIT, AIR CUTTACK**

**Morning Bulletin (7.05 AM)**

**24 December - 2024**

**News Editor : *Itishree Singh Rathaur***

# ପ୍ଲାଷ୍ଟିକ୍ ବ୍ୟାଗ୍ କାରଖାନା ଉଦ୍‌ଘାଟନ

ପାରାଦୀପରେ ପ୍ଲାଷ୍ଟିକ୍ ବ୍ୟାଗ୍ ଉତ୍ପାଦନ କାରଖାନା ପ୍ରତିଷ୍ଠା ଦ୍ୱାରା ଓଡ଼ିଶା ଏ କ୍ଷେତ୍ରରେ ଅଧିକ ଆତ୍ମନିର୍ଭରଶୀଳ ହୋଇପାରିବ ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ଏହି କାରଖାନାକୁ ଗତକାଲି ଉଦ୍‌ଘାଟନ କରି ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପୂର୍ବୋଦୟ ମିଶନ ଅଧୀନରେ ଓଡ଼ିଶାର ଶିଳ୍ପ ଭିତ୍ତିଭୂମି ସୁଦୃଢ଼ କରିବାକୁ ଲକ୍ଷ୍ୟ ରଖିଛନ୍ତି । ଏହି କାରଖାନା ପ୍ରତିଷ୍ଠା ଦ୍ୱାରା ପ୍ରତ୍ୟକ୍ଷ ଏବଂ ପରୋକ୍ଷ ନିଯୁକ୍ତି ସୃଷ୍ଟି ହେବା ସହ ଓଡ଼ିଶାର ଅର୍ଥନୀତି ଅଧିକ ତ୍ୱରାନ୍ୱିତ ହେବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଏହି କାର୍ଯ୍ୟକ୍ରମରେ ରାଜ୍ୟ ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁ ଉପସ୍ଥିତ ଥିଲେ ।

# ବିପର୍ଯ୍ୟୟ ପରିଚାଳନା

ବିପର୍ଯ୍ୟୟ ପରିଚାଳନାରେ ଓଡ଼ିଶା ବିଶ୍ୱରେ ଏକ ମଡେଲ୍ ରୂପେ ପରିଗଣିତ ହେଉଛି ବୋଲି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି । ଭାରତୀୟ ପାଣିପାଗ ବିଭାଗର ବିଶେଷଜ୍ଞଙ୍କ ସଠିକ୍ ଆକଳନକୁ ପାଥେୟ କରି ସମୟୋଚିତ ପଦକ୍ଷେପ ଗ୍ରହଣ କରାଯାଇ ପାରୁଛି । ଏହାଦ୍ୱାରା ଧନଜୀବନ ସୁରକ୍ଷିତ ରହିପାରୁଛି ବୋଲି ସେ

କହିଛନ୍ତି । ଭୁବନେଶ୍ୱରସ୍ଥିତ ଲୋକସେବା ଭବନଠାରେ ଆୟୋଜିତ ଏକ ଦିନିକିଆ କର୍ମଶାଳାରେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ ଏହା କହିଛନ୍ତି । କେନ୍ଦ୍ର ସରକାରଙ୍କ ଭୂ-ବିଜ୍ଞାନ ମନ୍ତ୍ରଣାଳୟ ଏବଂ ପାଣିପାଗ ବିଜ୍ଞାନର ମିଳିତ ଆନୁକୂଲ୍ୟରେ ୧୦୦ ବର୍ଷ ପୂର୍ତ୍ତି ପାଳନ ଅବସରରେ ଏହି କର୍ମଶାଳା ଆୟୋଜିତ ହୋଇଥିଲା । ଏଥିରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ପାଣିପାଗ ବିଭାଗ ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ ।

## ଏନ୍‌ଏଚ୍‌ଆରସି

ସୁପ୍ରିମକୋର୍ଟର ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ୍ ଭି.ରାମ ସୁବ୍ରମଣ୍ୟମ୍ ଜାତୀୟ ମାନବାଧିକାର ଆୟୋଗର ଅଧ୍ୟକ୍ଷ ଭାବେ ନିଯୁକ୍ତ ହୋଇଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଗତ ୧୮ ତାରିଖରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ନିଯୁକ୍ତି କମିଟି ବୈଠକରେ ଜଷ୍ଟିସ୍ ରାମ ସୁବ୍ରମଣ୍ୟମଙ୍କୁ ଏନ୍‌ଏଚ୍‌ଆରସିର ଅଧକ୍ଷ ପଦ ପାଇଁ ମନୋନୀତ କରାଯାଇଥିଲା । ଝାଡ଼ଖଣ୍ଡ ହାଇକୋର୍ଟର ଅବସରପ୍ରାପ୍ତ ମୁଖ୍ୟ ବିଚାରପତି ଜଷ୍ଟିସ୍ ବିଦ୍ୟୁତ୍ ରଂଜନ ଷଡ଼ଙ୍ଗୀ ଏବଂ ଏନ୍‌ସିପିସିଆର୍ ର ପୂର୍ବତନ ଅଧ୍ୟକ୍ଷ ପ୍ରିୟଙ୍କ କାନୁନ୍‌ଗୋଙ୍କୁ ଆୟୋଗର ସଦସ୍ୟ ଭାବେ ନିଯୁକ୍ତ କରାଯାଇଛି ।

## ହାଇଡ୍ରୋଜେନ୍ ବସ୍

ରାଜ୍ୟରେ ପରିବହନ କ୍ଷେତ୍ରରେ ହାଇଡ୍ରୋଜେନ୍ ଚାଳିତ ବସ୍‌କୁ ସାମିଲ୍ କରିବା ନେଇ ସରକାର ପଦକ୍ଷେପ ନେଇଛନ୍ତି । ଏନେଇ ଗୃହ ଏବଂ

ନଗର ଉନ୍ନୟନ ବିଭାଗ ଅଧୀନସ୍ଥ କୁଟ୍, ଗ୍ରୀଡ୍‌କୋ ଏବଂ ଏନ୍‌ଟିପିସି ମଧ୍ୟରେ ଏକ ତ୍ରିପାକ୍ଷିକ ବୁଝାମଣା ସ୍ୱାକ୍ଷରିତ ହୋଇଛି । ଭବିଷ୍ୟତରେ ଡିଜେଲ୍ ବସ୍ ବ୍ୟବହାରକୁ ହ୍ରାସ କରି ହାଇଡ୍ରୋଜେନ୍ ଚାଳିତ ବସ୍‌କୁ ଅଧିକ ବ୍ୟବହାର କରିବା ଉପରେ ପଦକ୍ଷେପ ନିଆଯିବ । ଏହି ବୁଝାମଣାପତ୍ର ସ୍ୱାକ୍ଷର ସମୟରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ସମେତ ୩ଟିଯାକ ସଂସ୍ଥାର ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ ।

---

## ପ୍ରତିମୂର୍ତ୍ତି ଅନାବରଣ

ଓଡ଼ିଶା ବିଧାନସଭା ପରିସରରେ ବାଗ୍ମୀ ବିଶ୍ୱନାଥ କରଙ୍କ ଏକ ପ୍ରତିମୂର୍ତ୍ତି ଆଜି ଅନାବରଣ କରାଯିବ । ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ପୂର୍ବାହ୍ନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେବେ ।

---

## ଉପଭୋକ୍ତା ଦିବସ

ଉପଭୋକ୍ତାଙ୍କୁ ସେମାନଙ୍କର ଅଧିକାର ଏବଂ କର୍ତ୍ତବ୍ୟ ସଂପର୍କରେ ସଚେତନ କରିବା ଲକ୍ଷ୍ୟରେ ଆଜି ଜାତୀୟ ଉପଭୋକ୍ତା ଦିବସ ପାଳନ କରାଯାଉଛି । ଉପଭୋକ୍ତାଙ୍କ ଅଧିକାରକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟରେ ଉପଭୋକ୍ତା ସୁରକ୍ଷା ଆଇନ ପ୍ରବର୍ତ୍ତନ କରାଯାଇଛି । ଏହି ଦିବସ ପାଳନ ଅବସରରେ ରାଜ୍ୟର ବିଭିନ୍ନ ପ୍ରାନ୍ତରେ ସରକାରୀ ଏବଂ ସ୍ୱେଚ୍ଛାସେବୀ

ସଂଗଠନଗୁଡ଼ିକ ଦ୍ୱାରା ସଚେତନ ମୂଳକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି ।

## ହାଇକୋର୍ଟ କ୍ୟାଲେଣ୍ଡର

ଜୁଡ଼ିସିଆଲ୍ କ୍ୟାଲେଣ୍ଡର-୨୦୨୫ ଗତକାଲି ଉନ୍ମୋଚିତ ହୋଇଛି । କଟକ ଜୁଡ଼ିସିଆଲ୍ ଏକାଡେମୀଠାରେ ଏ ନେଇ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ଚକ୍ରଧାରୀ ଚରଣ ସିଂ ଏବଂ ବିଚାରପତି ଜଷ୍ଟିସ୍ ସଙ୍ଗମ କୁମାର ସାହୁ, ଜଷ୍ଟିସ୍ ସାବିତ୍ରୀ ରଥ, ଜଷ୍ଟିସ୍ ଭି. ନରସିଂହ ଏବଂ ଜଷ୍ଟିସ୍ ଗୌରୀଶଙ୍କର ଶତପଥୀ ପ୍ରମୁଖ ଯୋଗ ଦେଇଥିଲେ । ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ତୂଳିରେ ପ୍ରସ୍ତୁତ ଚିତ୍ର କ୍ୟାଲେଣ୍ଡରରେ ସ୍ଥାନୀତ ହୋଇଛି ।

## ପ୍ରବଚନ

ଗଞ୍ଜାମ ଜିଲ୍ଲା ବ୍ରହ୍ମପୁରସ୍ଥିତ ହିଲ୍ପାଟଣା ସଂସ୍କୃତି ଭବନରେ ଦିବ୍ୟ ଆଧ୍ୟାତ୍ମିକ ପ୍ରବଚନ ଗତକାଲିଠାରୁ ଆରମ୍ଭ ହୋଇଛି । ଗଜପତି ମହାରାଜା ଦିବ୍ୟସିଂହଦେବ ଏହାକୁ ଉଦ୍‌ଘାଟନ କରି, ଭାରତୀୟ ବୈଦିକ ଶିକ୍ଷା ଗବେଷଣାତ୍ମକ ପ୍ରୟୋଗ ଉପରେ ଗୁରୁତ୍ୱ ଦେଇଥିଲେ । ଏଥିରେ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମ ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ଚାଲିବ ।

## ଲୋକମହୋତ୍ସବ

କଳାହାଣ୍ଡି ଜିଲ୍ଲା କେସିଙ୍ଗା ଜଗନ୍ନାଥ ପଡ଼ିଆଠାରେ ଚାଲିଥିବା ବୁଢ଼ାଡଙ୍ଗର ଲୋକମହୋତ୍ସବ ଗତକାଲି ଉଦ୍‌ଯାପିତ ହୋଇଛି। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାୟକ ଯୋଗଦେଇ ଲୋକକଳା ଏବଂ ଲୋକସଂସ୍କୃତିକୁ ବଞ୍ଚାଇ ରଖିବାରେ ଏଭଳି ମହୋତ୍ସବ ଗୁରୁତ୍ୱ ପ୍ରଦାନ କରିଥାଏ ବୋଲି କହିଥିଲେ।

---

## ବାର୍ଷିକ ଉତ୍ସବ

ବିଜ୍ଞାନ ଓ ବୈଷୟିକ ବିଭାଗ ସାଂସ୍କୃତିକ ପରିଷଦର ବାର୍ଷିକ ଉତ୍ସବ ଗତକାଲି ରବୀନ୍ଦ୍ର ମଣ୍ଡପଠାରେ ପାଳିତ ହୋଇଛି । ବିଜ୍ଞାନ ଓ ବୈଷୟିକ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଏଥିରେ ଯୋଗଦେଇ ମାନବ କଲ୍ୟାଣରେ ବିଜ୍ଞାନର ଉପଯୋଗିତା ଉପରେ ଆଲୋକପାତ କରିଥିଲେ । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଚିତ୍ରା ଅରୁମୁଗ ଏବଂ ଅନ୍ୟାନ୍ୟ ବରିଷ୍ଠ ପଦାଧିକାରୀମାନେ ଯୋଗ ଦେଇଥିଲେ । ପରିଷଦର ବାର୍ଷିକ ପତ୍ରିକା **ବିଜ୍ଞାନ କଳିକା** ଉନ୍ମୋଚିତ ହୋଇଥିଲା ।

---

## ପାଣିପାଗ

ରାଜ୍ୟର ଦକ୍ଷିଣ ଓ ଉପକୂଳ ଅଞ୍ଚଳରେ ଆଜିଠାରୁ ଦୁଇଦିନ ପର୍ଯ୍ୟନ୍ତ ବର୍ଷାର ସମ୍ଭାବନା ରହିଛି । ଗଜପତି, ଗଞ୍ଜାମ, ଜଗତସିଂହପୁର, କେନ୍ଦ୍ରାପଡ଼ା ଓ କୋରାପୁଟ ଜିଲ୍ଲାରେ ମଧ୍ୟମରୁ ପ୍ରବଳ ବର୍ଷା ହୋଇପାରେ

ବୋଲି ଭୁବନେଶ୍ୱରସ୍ଥିତ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି । ଗଞ୍ଜାମ ଓ ଗଜପତି ଜିଲ୍ଲାରେ ଆସନ୍ତାକାଲି ମଧ୍ୟ ପ୍ରବଳ ବର୍ଷା ହୋଇପାରେ । ଏହି ସମୟରେ ରାତି ତାପମାତ୍ରା ୨ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ପାଇବ ବୋଲି ଆକଳନ କରାଯାଇଛି ।